ସିଟି ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ କର୍ମଶାଳା

କଟକ,୧୭।୮ (ନି.ପ୍ର): ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ ସେଲ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଚସିଜି ପଣ୍ଡା କର୍କଟ ହସ୍ପିଟାଲର ଚିକିତ୍ସକ



ଡା. ବିକାଶ ନାୟକ ଛାତ୍ରଛାତ୍ରୀଙ୍କୁ କର୍ମଶାଳାରେ ସ୍ତନ କର୍କଟର ପରୀକ୍ଷା ଉପରେ ସଚେତନ କରିଥିଲେ । ଡ.ଜସ୍ମିନ୍ ମହାପାତ୍ର ଅଧ୍ୟାପିକା ଓ ଛାତ୍ରୀମାନଙ୍କର ସ୍ତନ କର୍କଟ ପରୀକ୍ଷା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ରୀନା ଘଡ଼େଇ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ଶକ୍ତିଶ୍ରୀ ସଂଯୋଜିକା ସ୍ମିତା ଅପରିମିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସଂସ୍କୃତ ବିଭାଗର ଅଧ୍ୟାପିକା ଶୁଚିସ୍ମିତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।